# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16th May - 2025

### News Editor : Tapan Kumar Moharana

***********************************

## ମୁଖ୍ୟ ସମ୍ବାଦ

- ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ; ଭୁଜ୍ ବାୟୁସେନା ଘାଟିରେ ବାୟୁସେନା ଯୋଦ୍ଧାଙ୍କୁ ଭେଟିବା ଅବସରରେ କହିଲେ ପ୍ରତିରକ୍ଷା ମନ୍ତ୍ରୀ

- ରାଜ୍ୟରେ ଶିଳ୍ପ ତାଲିମ୍ ପାଇଁ ବିଶ୍ୱସ୍ତରୀୟ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ଲାଗି ଓଏମ୍‌ସି ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ

- ସମ୍ବଲପୁର ଚିପିଲିମାରେ ୧୦୦ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହେବ ମତ୍ସ୍ୟଚାଷ ପ୍ରକଳ୍ପ

ଏବଂ

- ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଜାତୀୟ ଡେଙ୍ଗୁ ଦିବସ

## ରାଜନାଥ ସିଂ

ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଗୁଜୁରାଟର ଭୁଜ୍ ବାୟୁସେନା ଘାଟିଠାରେ ବାୟୁସେନା ଯୋଦ୍ଧାଙ୍କୁ ଭେଟିବା ଅବସରରେ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଅପରେସନ୍ ସିନ୍ଦୂର ଜାରି ରହିଛି। ଆତଙ୍କବାଦୀମାନଙ୍କ ବିରୋଧରେ ଏହି ଲଢ଼େଇ ଜାରି ରହିଥିବ। ଏହି ଲଢ଼େଇରେ ବାୟୁସେନା ସବୁବେଳେ ନେତୃତ୍ୱ ନେଇ ଆସୁଛି। ବିଶ୍ୱ' ଭାରତର ପ୍ରତିରକ୍ଷା ବ୍ୟବସ୍ଥାର ଶକ୍ତି ପ୍ରଦର୍ଶନ ଦେଖି ସାରିଛି। ଭାରତ ଚାହିଲେ ବିଶ୍ୱର କୌଣସି କୋଣରେ ମଧ୍ୟ ପହଞ୍ଚି ପାରିବ ବୋଲି ଅପରେସନ ସିନ୍ଦୂର ମାଧ୍ୟମରେ ପ୍ରମାଣିତ ହୋଇଛି।

ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ ଭାରତୀୟ ବାୟୁସେନାର ପ୍ରଶଂସା କରିବା ସହ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ବ୍ରହ୍ମୋସ କ୍ଷେପଣାସ୍ତ୍ରର ଶକ୍ତିକୁ ପାକିସ୍ତାନ ସ୍ୱୀକାର କରିସାରିଛି ବୋଲି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି।

**-V/O-***(Rajnath Singh)*

## ମୁଖ୍ୟମନ୍ତ୍ରୀ

ରାଜ୍ୟରେ ମିଶ୍ରିତ ଅର୍ଥନୀତି ଆରମ୍ଭ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଖଣିଜ ଉତ୍ପାଦନ ସହ ଏଥିରେ ଗୁଣାତ୍ମକ ମାନ ବୃଦ୍ଧି  ହେଲେ ରାଜ୍ୟରେ ବ୍ୟାପକ ଶିଳ୍ପାୟନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

କହିଛନ୍ତି। ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନଠାରେ ଓଡ଼ିଶା ଖଣି ନିଗମର ୭୦ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଖଣିଜ ପଦାର୍ଥର ଅନ୍ୱେଷଣ, ଖନନ ଓ ପରିବହନ କାର୍ଯ୍ୟକୁ ନିରନ୍ତର ଭାବେ ସମ୍ପାଦନ କରି ଓଡ଼ିଶା ଖଣି ନିଗମ-ଓଏମ୍‌ସି ଉତ୍କର୍ଷତା ପ୍ରତିପାଦନ କରିଆସୁଛି। ରାଜ୍ୟରେ ଶିଳ୍ପ ତାଲିମ୍ ପାଇଁ ବିଶ୍ୱସ୍ତରୀୟ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ଲାଗି ଓଏମ୍‌ସି ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି।

**-V/O-***(CM)*

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବଡବିଲ୍ ଡୁବୁନା ଖଣିର ପୁନାଃରମ୍ଭ କରିଛନ୍ତି। କେନ୍ଦୁଝର ବଡବିଲ୍ ଏବଂ କୋଇଡା ଖଣି ଅଂଚଳରେ ୯୨୦ କିଲୋୱାଟ୍‌ପି ସୋଲାର ପ୍ଲାଣ୍ଟ, ତିରିଙ୍ଗ ପାହାଡ଼ ଖଣି ଏବଂ ରେଙ୍ଗାଲ ବେଡାସ୍ଥିତ ଆରଆଇ କଲୋନୀକୁ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଏହାସହ ଏଲ୍ଏମ୍ଏସ୍, ଓଏଫଏମ୍ଏସ୍, ଓପ୍ଲସ୍, ଓଆରଏମ୍ଏସ୍ ଆଇଟି ମଡ୍ୟୁଲର ଶିଳାନ୍ୟାସ କରାଯାଇଛି।

# ରାଜ୍ୟଭିତ୍ତିକ ବିପର୍ଯ୍ୟୟ

ଅଦିନିଆ ବର୍ଷାକୁ ରାଜ୍ୟ ସରକାର ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି । ଏ ସଂକ୍ରାନ୍ତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ରାଜ୍ୟର କୃଷକ ଅଦିନିଆ ବର୍ଷା ଜନିତ କ୍ଷୟକ୍ଷତି ପାଇଁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସହାୟତା ପାଇପାରିବେ । ବାର୍ଷିକ ସର୍ବାଧିକ ୧୦ ପ୍ରତିଶତ ଅର୍ଥ ଏଥିପାଇଁ

ବିନିଯୋଗ ହୋଇପାରିବ । ସୂଚନାଯୋଗ୍ୟ ବଜ୍ରପାତ, ଗ୍ରୀଷ୍ମ ପ୍ରବାହ, ଘୂର୍ଣ୍ଣିଝଡ଼, ସାମୁଦ୍ରିକ ଝଡ଼, ପ୍ରବଳ ବର୍ଷା ଏବଂ ବନ୍ୟା ନଥିବା ସମୟରେ ଡଙ୍ଗା ଦୁର୍ଘଟଣାଜନିତ ମୃତ୍ୟୁ ଓ ସର୍ପାଘାତକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ମଧ୍ୟ ଘୋଷଣା କରାଯାଇଛି ।

## ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର ଚିପିଲିମା ଅଂଚଳରେ ଆଗାମୀ ଦିନରେ ୧୦୦ କୋଟି ଟଙ୍କା ବ୍ୟୟରେ ମତ୍ସ୍ୟଚାଷ ପ୍ରକଳ୍ପ ଆରମ୍ଭ କରାଯିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଚିପିଲିମାସ୍ଥିତ କୃଷି ମହାବିଦ୍ୟାଳୟର ନୂତନ ଅତ୍ୟାଧୁନିକ ହୀରାକୁଦ ପ୍ରେକ୍ଷାଳୟର ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି, ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ଓ ପଶ୍ଚିମ ଓଡ଼ିଶାର ଚାଷୀଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ସରକାର ୮୦ କୋଟି ଟଙ୍କାର ସରକାରୀ ଅନୁଦାନ ବ୍ୟବସ୍ଥା କରିଛନ୍ତି। ଆଗାମୀ ଦିନରେ ଏହି କୃଷି ମହାବିଦ୍ୟାଳୟରେ ଚାଷରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ନେଇ ନୂଆ ପାଠ୍ୟକ୍ରମ ପ୍ରସ୍ତୁତି, ଚାଷୀଙ୍କୁ ପ୍ରଶିକ୍ଷଣ, ଧାନ ଚାଷ ସମେତ ବିଭିନ୍ନ ଫସଲ ଉତ୍ପାଦନ ବୃଦ୍ଧି, କ୍ଷୟକ୍ଷତି ହ୍ରାସ ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ଅଣାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।  ପ୍ରାୟ ୧୦ କୋଟି ୫୦ ଲକ୍ଷ ଟଙ୍କା ନିବେଶରେ ଏହି ପ୍ରେକ୍ଷାଳୟର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

## ଅପରେସନ୍ ସିନ୍ଦୂର-ଶୋଭାଯାତ୍ରା

**ସମ୍ବଲପୁର** ଠାରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ ସହର ପରିକ୍ରମା କରିଛନ୍ତି। ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଜେଲ୍ ଛକରୁ ଶୋଭାଯାତ୍ରା ଆରମ୍ଭ ହୋଇ କଚେରୀ ଛକ ସ୍ଥିତ ସହିଦ୍ ସ୍ତମ୍ଭ ନିକଟରେ ଶେଷ ହୋଇଥିଲା। ସମଗ୍ର ବିଶ୍ୱ ଭାରତୀୟ ସୈନ୍ୟଙ୍କ ପରାକାଷ୍ଠା ଦେଖିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

**ନୟାଗଡ଼** ଜିଲ୍ଲା ରଣପୁର ବ୍ଲକ୍‌ର ରାଜସୁନାଖଳାରେ ଅପରେସନ ସିନ୍ଦୂରର ସଫଳତା ନେଇ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ସ୍ଥାନୀୟ ଅଂଚଳ ପରିକ୍ରମା କରିଥିଲା।

**କେନ୍ଦ୍ରାପଡ଼ା**ରେ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ଆନୁକୂଲ୍ୟରେ ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ସମୀକ୍ଷା ବୈଠକ

**ନୟାଗଡ଼** ଜିଲ୍ଲାରେ ନିର୍ବାଚନମଣ୍ଡଳୀ ସ୍ତରୀୟ ଉନ୍ନୟନ ସମୀକ୍ଷା ବୈଠକ ବିଧାୟକ ଡକ୍ଟର ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁର ସମସ୍ୟା, ହସ୍‌ପିଟାଲରେ ଡାକ୍ତରଙ୍କ ଆବଶ୍ୟକତା, ଯୁକ୍ତଦୁଇ ମହାବିଦ୍ୟାଳୟ,

ବିଦ୍ୟାଳୟଗୁଡ଼ିକରେ ଜମି ପଟାକୁ ନେଇ ଥିବା ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ  ଆଲୋଚନା ହୋଇଥିଲା । ଏଥିସହ ଜିଲ୍ଲାରେ ମାଛ ଉତ୍ପାଦନ ହ୍ରାସ ପାଇବା ସମ୍ପର୍କରେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ ସହ ବିଧାୟକ ଓ ଜିଲ୍ଲାପାଳ ଆଲୋଚନା କରି ତୁରନ୍ତ ଏହାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ ।

## ରବି ଧାନ ସଂଗ୍ରହ

**ଭଦ୍ରକ** ଜିଲ୍ଲାରେ **ପ୍ରଥମ ଥର** ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ରବି ଧାନ ସଂଗ୍ରହ କରାଯିବ । ଜିଲ୍ଲାର ୫ଟି ବ୍ଲକ୍‌ର ୨୬ଟି ସମବାୟ ସମିତି ଓ ୬ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଜରିଆରେ ଆସନ୍ତା ୨୮ ତାରିଖରୁ ୩୨ଟି ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ ହେବ । ଧାନ ବିକ୍ରି କରିବା ଲାଗି ୧ ହଜାର ୯୬୩ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି । ଚଳିତ ଥର ୪ ହଜାର ମେଟ୍ରିକ୍ ଟନ୍ ଧାନ କିଣାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

## ଦୁର୍ଘଟଣା

ଜୟପୁର-ମାଲକାନଗିରି ରାସ୍ତାରେ ଏକ ସଡକ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ନୟାଗଡ଼ରୁ ମାଲକାନଗିରି ଯାଉଥିବାବେଳେ ଗୋଟିଏ କାର୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲା । ଫଳରେ ଏହି ଦୁର୍ଘଟଣା ଘଟିଥିଲା ।  ଆହତମାନଙ୍କୁ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଛି ।

## ମାଓ କ୍ୟାମ୍ପ ଠାବ

**ବଲାଙ୍ଗିର** ଜିଲ୍ଲାର ଗନ୍ଧମାର୍ଦ୍ଦନ, ଚକରତାଣ୍ଡି ଓ ଖୁରିପାଣି ଜଙ୍ଗଲରେ ୨ଟି ମାଓବାଦୀ କ୍ୟାମ୍ପକୁ ପୁଲିସ୍ ଠାବ କରିଛି। ଗନ୍ଧମାର୍ଦ୍ଦନ ଜଙ୍ଗଲରେ ମାଓ ଗତିବିଧି ଥିବା ସୂଚନା ପାଇ ପୁଲିସ୍‌ର ୨ଟି ଡିଭିଏଫ୍ ଟିମ୍ ଖାନତଲାସୀ କରିଥିଲା। ମାଓ କ୍ୟାମ୍ପରୁ ବିପୁଳ ପରିମାଣର ମାଓ ସାମଗ୍ରୀ ପୁଲିସ୍ ଜବତ କରିଛି।

## ବିଶ୍ୱ ଡେଙ୍ଗୁ ଦିବସ

ଡେଙ୍ଗୁ ରୋଗର କାରଣ ଏବଂ ନିରାକରଣ ସଂପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଉଛି । ପରିବେଶକୁ ପରିଷ୍କାର ରଖିବା ଏବଂ ନିୟମିତ ମଶାରୀ ବ୍ୟବହାର କରିବା ଦ୍ୱାରା ଏହି ମଶା ବାହିତ ଭୂତାଣୁ ଜନିତ ରୋଗକୁ ପ୍ରତିହତ କରାଯାଇ ପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡେଙ୍ଗୁରୋଗର ପରୀକ୍ଷା ଏବଂ ଚିକିତ୍ସା ସଂପୂର୍ଣ୍ଣ ମାଗଣାରେ କରାଯାଉଛି । ଏହି ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଡେଙ୍ଗୁ ବିରୋଧରେ ଏକାଠି ଲଢ଼ିବାକୁ ସାମାଜିକ ଗଣମାଧ୍ୟମରେ ଆହ୍ୱାନ

ଦେଇଛନ୍ତି। ରାଜ୍ୟକୁ ସୁସ୍ଥ ଓ ସ୍ୱଚ୍ଛ କରିବା ପାଇଁ ସମସ୍ତଙ୍କର ସକ୍ରିୟା ଭାଗିଦାରୀତାର ଆବଶ୍ୟକତା ରହିଛି। ଡେଙ୍ଗୁ ରୋଗ ଘାତକ ହୋଇପାରେ ମାତ୍ର ଏହାର ସଫଳ ପ୍ରତିରୋଧ ସମ୍ଭବ ବୋଲି **ସ୍ୱାସ୍ଥ୍ୟମନ୍ତ୍ରୀ** ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି।

## ଜନସମ୍ପର୍କ ଶିବିର

**ବୌଦ୍ଧ** ଜିଲ୍ଲା କଣ୍ଟାମାଳ ଥାନା ବରଗାଁ ପଂଚାୟତର ଉପାନ୍ତ ଅଂଚଳ ଡୁଲାବାଲି ଗ୍ରାମରେ ପୁଲିସ୍ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ଶିବିରରେ ଯୋଗଦେଇ ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଗଞ୍ଜେଇ ଚାଷ ନକରି ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଏବଂ ପୁଲିସ୍‌କୁ ସର୍ବଦା ସହଯୋଗ କରିବା ପାଇଁ ଆଗେଇ ଆସିବାକୁ ଶ୍ରୀ ଗୋଏଲ ପରାମର୍ଶ ଦେଇଥିଲେ।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜିଠାରୁ ଝଡ଼ପବନ ସହ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଅପରପକ୍ଷରେ, ଗତକାଲି ୧୩ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିଲା।

*********************************